# NATIONAL NEWS BULLETIN (ODIA)

## 18 October - 2025

## Evening Bulletin : 7.15 p.m.

*****************************

## ମୁଖ୍ୟ ସମ୍ବାଦ

- ବିହାର ବିଧାନସଭା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ନିମନ୍ତେ ପ୍ରାର୍ଥୀପତ୍ର ଯାଞ୍ଚ ଶେଷ ।

– ବିହାର ସମେତ ୮ଟି ବିଧାନସଭା ଉପନିର୍ବାଚନ ନିମନ୍ତେ କର୍ମଚାରୀଙ୍କ ଲାଗି ସବୈତନିକ ଛୁଟି ଘୋଷଣା ।

- ବ୍ରହ୍ମୋସ୍' ଦେଶର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ରର ପ୍ରତୀକ ବୋଲି କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ରେଳ କାର୍ଯ୍ୟ ସଂକ୍ରାନ୍ତ ଭ୍ରମସୃଷ୍ଟିକାରୀ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଭାରତୀୟ ରେଳବାଇର ସୂଚନା ।
- ମହାରାଷ୍ଟ୍ରରେ ସଡ଼କ ଦୁର୍ଘଟଣାରେ ୮ ମୃତ ୨୮ ଆହତ ।

ଏବଂ

- ଆସନ୍ତାକାଲି ପର୍ଥଠାରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ହେବ ପ୍ରଥମ ଏକଦିବସୀୟ ମୁକାବିଲା ।

## ବିହାର-ପୋଲ୍

ବିହାର ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଗୁଡ଼ିକର ଆଜି ଯାଞ୍ଚ କାର୍ଯ୍ୟ ଶେଷ ହୋଇଇଛି । ଏହି ପର୍ଯ୍ୟାୟ ଲାଗି ସମୁଦାୟ ୧ହଜାର ୬୯୮ ଜଣ ମନୋନୟନପତ୍ର ଦାଖଲ ହୋଇଥିଲା । ଚଳିତ ମାସ ୨୦ ତାରିଖ ସୁଦ୍ଧା ପ୍ରାର୍ଥୀମାନେ ସେମାନଙ୍କର ମନୋନୟନ ପତ୍ର ପ୍ରତ୍ୟାହାର କରିପାରିବେ । ପ୍ରଥମ ପର୍ଯ୍ୟାୟରେ ୮ଟି ଜିଲ୍ଲା ଅନ୍ତର୍ଗତ ୧୨୧ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ମାସ ୬ ତାରିଖରେ ଭୋଟ ଗ୍ରହଣ ହେବ ।

ଇତି ମଧ୍ୟରେ ସି.ପି.ଆଇ.ଏମ୍.ଏଲ୍. ପକ୍ଷରୁ ୨୦ ଜଣିଆ ପ୍ରାର୍ଥୀ ବିଶିଷ୍ଟ ତାଲିକା ପ୍ରକାଶ କରାଯାଇଛି । ସେମାନଙ୍କ ମଧ୍ୟରୁ ୧୪ ଜଣ ପ୍ରାର୍ଥୀ ପ୍ରଥମ ପର୍ଯ୍ୟାୟ ପାଇଁ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ୨୦୨୦ ବିଧାନସଭା ନିର୍ବାଚନରେ ସି.ପି.ଆଇ.ଏମ୍.ଏଲ୍. ୧୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା । ସେମାନଙ୍କ ମଧ୍ୟରୁ ୧୨ ଜଣ

ନିର୍ବାଚିତ ହୋଇଥିଲେ । ଚଳିତଥର ସି.ପି.ଆଇ.ଏମ୍.ଏଲ୍. ପକ୍ଷରୁ ପୂର୍ବ ୧୨ ଜଣଙ୍କୁ ପୁନଃ ପ୍ରାର୍ଥୀ ଚୟନ କରାଯାଇଛି ।

ସେହିପରି କଂଗ୍ରେସ ପକ୍ଷରୁ ୪୮ ଜଣ ପ୍ରାର୍ଥୀ ବିଶିଷ୍ଟ ତାଲିକା ପ୍ରକାଶ ପାଇଛି ।

## ଇସିଆଇ-ବିହାର

ଭାରତୀୟ ନିର୍ବାଚନ ଆୟୋଗ ବିହାରର ଦୈନିକ ଏବଂ ସାମୟିକ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ନିମନ୍ତେ ଆଗାମୀ ବିଧାନସଭା ନିର୍ବାଚନ ଭୋଟ ଗ୍ରହଣ ଦିନ ସବୈତନିକ ଛୁଟି ଘୋଷଣା କରିଛନ୍ତି । ସେହିପରି ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେଉଥିବା ଉପନିର୍ବାଚନ ନିମନ୍ତେ ମଧ୍ୟ କର୍ମଚାରୀଙ୍କ ପାଇଁ ସବୈତନିକ ଛୁଟି ଘୋଷଣା କରାଯାଇଛି । ନିର୍ବାଚନ ମଣ୍ଡଳୀ ବାହାରେ କାର୍ଯ୍ୟ କରୁଥିବା ଭୋଟରମାନେ ସେମାନଙ୍କ ଭୋଟ ଗ୍ରହଣ ସ୍ଥାନକୁ ଯିବା ଲାଗି ମଧ୍ୟ ଛୁଟି ପ୍ରଦାନ କରାଯିବ । ଆୟୋଗ ପକ୍ଷରୁ କୁହାଯାଇଛି, ନିର୍ବାଚନରେ ଭୋଟରଙ୍କ ସଂଖ୍ୟା ବୃଦ୍ଧି କରିବା ଲକ୍ଷ୍ୟରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି । ଭୋଟ ଗ୍ରହଣ ଦିନ କାର୍ଯ୍ୟ ସ୍ଥଳୀରୁ ଛୁଟି ନେବା ପାଇଁ ରହିଥିବା ବାଧାବିଘ୍ନକୁ ଦୂର କରିବା ଲକ୍ଷ୍ୟରେ ଏବଂ ସମସ୍ତ ନାଗରୀକ

ଯେପରି ଆଗାମୀ ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ସେଥି ନିମନ୍ତେ ସବୈତନିକ ଛୁଟି ବ୍ୟବସ୍ଥା କରାଯାଇଛି ।

## ପିଏମ୍-ଧନତେରସ

ଧନତେରସ ପର୍ବ ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ଦେଶବାସୀଙ୍କ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି । ପ୍ରଭୁ ଧନନ୍ତ୍ୱରୀ ସମସ୍ତ ନାଗରିକଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ଶ୍ରୀ ମୋଦୀ ଆଶା ପ୍ରକାଶ କରିଛନ୍ତି ।

## ୟୁପି-ରାଜନାଥ ବ୍ରହ୍ମୋସ

ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ବ୍ରହ୍ମୋସ ଏରୋ ସ୍ପେସ୍ ୟୁନିଟ୍‌ରୁ ଉତ୍ପାଦିତ ପ୍ରଥମ ପର୍ଯ୍ୟାୟର ବ୍ରହ୍ମୋସ କ୍ଷେପଣାସ୍ତ୍ରକୁ ଆଜି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, ବ୍ରହ୍ମୋସ୍ କେବଳ ଏକ କ୍ଷେପଣାସ୍ତ୍ର ନୁହେଁ, ଏହା ଦେଶର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ରର ପ୍ରତୀକ । ସେ କହିଛନ୍ତି ବ୍ରହ୍ମୋସ୍ କ୍ଷେପଣାସ୍ତ୍ରରେ

ପାରମ୍ପରିକ ଜ୍ଞାନକୌଶଳ ରହିଥିବା ବେଳେ ଏହା ଅତ୍ୟନ୍ତ ଗତିଶୀଳ ଭାବେ ଦୂରବର୍ତ୍ତୀ ଅଞ୍ଚଳକୁ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଛି । ସଠିକ୍ ଭାବରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଏବଂ ଯୁଦ୍ଧକ୍ଷେତ୍ରରେ ସଫଳତା ଦୃଷ୍ଟିରୁ ବିଶ୍ୱରେ ବ୍ରହ୍ମୋସ୍ ଏକ ପ୍ରମାଣିତ ବ୍ୟବସ୍ଥା ଭାବେ ଉଭା ହୋଇଛି । ସେ କହିଛନ୍ତି, ଦେଶ ଏବେ ବ୍ରହ୍ମୋସ୍‌କୁ ନେଇ ସୁରକ୍ଷିତ ଅନୁଭବ କରୁଛି । ସେ କହିଛନ୍ତି, ସଂପ୍ରତି ମେଡ୍ ଇନ୍ ଇଣ୍ଡିଆ ଏକ ସ୍ଲୋଗାନ୍ ହୋଇ ରହିନାହିଁ ବରଂ ଏହା ଏକ ବିଶ୍ୱ ବ୍ରାଣ୍ଡ ହୋଇପାରିଛି ବୋଲି ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ପ୍ରମାଣିତ କରିଛି । ବ୍ରହ୍ମୋସ୍ ଦଳ ଦୁଇ ଦେଶ ସହ ୪ହଜାର କୋଟି ଟଙ୍କାର ପ୍ରତିରକ୍ଷା କାରବାର ନେଇ ବୁଝାମଣା କରିଛି ।

**V/O (Rajnath Brahmos)**

ଏହି ଅବସରରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଛନ୍ତି, ବ୍ରହ୍ମୋସ୍' ଆତ୍ମନିର୍ଭରତା କ୍ଷେପଣାସ୍ତ୍ରର ପ୍ରତୀକ । ଏହା ଦେଶର ପ୍ରତିରକ୍ଷା ଆବଶ୍ୟକତାକୁ ପୂର୍ଣ୍ଣ କରିପାରିଛି । ଉତ୍ତରପ୍ରଦେଶ ପ୍ରତିରକ୍ଷା ଶିଳ୍ପ କରିଡ଼ର ଅଧୀନରେ ବ୍ରହ୍ମୋସ୍ ବ୍ୟବସ୍ଥା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଉଲ୍ଲେଖନୀୟ ପ୍ରକଳ୍ପ । ଏଥିରେ ସର୍ବୋଚ୍ଚ ଟେଷ୍ଟିଂ ପ୍ରଯୁକ୍ତିବିଦ୍ୟା କ୍ଷମତା ରହିଛି । ଉତ୍ତରପ୍ରଦେଶ ମେକ୍ ଇନ୍ ଇଣ୍ଡିଆର ଏକ ପ୍ରମୁଖ ଅଂଶିଦାର ହୋଇପାରିଛି ବୋଲି ଯୋଗୀ ଆଦିତ୍ୟନାଥ କହିଛନ୍ତି । ଲକ୍ଷ୍ନୌ ୟୁନିଟ୍ ସମଗ୍ର ନିର୍ମାଣ କାର୍ଯ୍ୟ ଏବଂ ପରୀକ୍ଷଣ କାର୍ଯ୍ୟ ସ୍ୱଦେଶୀ ଶୈଳୀରେ କରିବା ନିମନ୍ତେ ପ୍ରଥମ କରିଡ଼ର ଭାବେ ଚିହ୍ନଟ ହୋଇଛି । ଫଳରେ ଏହା

ରଣନୈତିକ ସ୍ୱୟଂଶାସିତ କାର୍ଯ୍ୟ ଏବଂ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିପାରିଛି ବୋଲି ଶ୍ରୀ ଯୋଗୀ କହିଛନ୍ତି ।

## ରେଲୱେ-ଆକସନ୍

ଭାରତୀୟ ରେଳବାଇ ପକ୍ଷରୁ' ରେଳବାଇ କାର୍ଯ୍ୟ ସଂକ୍ରାନ୍ତ ଭ୍ରମ ସୃଷ୍ଟିକାରୀ ଭିଡ଼ିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଘୋଷଣା କରାଯାଇଚି । ରେଳ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି, ଚଳିତ ପାର୍ବଣ ଋତୁରେ କେତେକ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ପୁରୁଣା ଏବଂ ବିଭ୍ରାନ୍ତକାରୀ ଭିଡ଼ିଓ ଗୁଡ଼ିକୁ ପ୍ରଚାର କରୁଥିବା ଜଣାପଡ଼ିଛି । ଫଳରେ ଏହା ଯାତ୍ରୀମାନଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରୁଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହିପରି ୨୦ ଜଣ ସାମାଜିକ ଗଣମାଧ୍ୟମ ବ୍ୟବହାକାରୀଙ୍କୁ ଚିହ୍ନଟ କରାଯାଇଛି । ଏମାନଙ୍କ ବିରୁଦ୍ଧରେ ରେଳ ପ୍ରଶାସନ ପକ୍ଷରୁ ମକଦ୍ଦମା ରୁଜୁ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଅସାମାଜିକ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକୁ ନିୟନ୍ତ୍ରଣ ଏବଂ ଚିହ୍ନଟ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ୨୪ ଘଣ୍ଟିଆ ସାମାଜିକ ଗଣମାଧ୍ୟମ ଅନୁଧ୍ୟାନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ରେଳ କାର୍ଯ୍ୟ ସଂକ୍ରାନ୍ତ ସମସ୍ତ ତଥ୍ୟକୁ ସୂଚାରୁରୂପେ ଅନୁଧ୍ୟାନ କରିବା ପରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ

କରିବା ଲାଗି କୁହାଯାଇଛି । ଯାତ୍ରୀମାନେ ଅଫିସିଆଲ୍ ରେଳବାଇ ବିଜ୍ଞପ୍ତିକୁ ନୋଟିଫିକେସନ୍‌କୁ ବିଶ୍ୱାସ କରିବା ଉଚିତ୍ ଏବଂ ମନ୍ତ୍ରଣାଳୟର ନିଜସ୍ୱ ସାମାଜିକ ଗଣମାଧ୍ୟମକୁ ଅନୁଧ୍ୟାନ କରିବା ଉଚିତ୍ ବୋଲି କୁହାଯାଇଛି ।

## ଜିତେନ୍ଦ୍ର-ନାଫିଥ୍ରୋମାଇସନ୍

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତ ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଣ୍ଟିବାୟୋଟିକ୍ ନାଫିଥ୍ରୋମାଇସିନ୍ ଆବିଷ୍କାର କରି ସଫଳତା ଅର୍ଜନ କରିଛି । ନୂଆଦିଲ୍ଲୀ ଠାରେ ଆଜି ଏକ ଚିକିତ୍ସା କର୍ମଶାଳାର ଉଦ୍‌ଘାଟନ ଅବସରରେ ଡକ୍ଟର ସିଂହ କହିଛନ୍ତି, ଏହି ଆଣ୍ଟିବାୟୋଟିକ୍ ନିଶ୍ୱାସପ୍ରଶ୍ୱାସ ସଂକ୍ରମଣ ପ୍ରତିରୋଧ କ୍ଷମତାକୁ ବୃଦ୍ଧି କରିଥାଏ ଏବଂ ଏହା ବିଶେଷ କରି କର୍କଟ ରୋଗୀ ଓ ମଧୁମେହ ରୋଗୀଙ୍କ ପାଇଁ ଫଳପ୍ରଦ ହୋଇଥାଏ । ମନ୍ତ୍ରୀ କହିଛନ୍ତି, ଦେଶ ଆହୁରି ଅଧିକ ବୈଜ୍ଞାନିକ ଏବଂ ଗବେଷଣା ଲବ୍ଧ ଚିକିତ୍ସା ପଦ୍ଧତି ବିକଶିତ କରିବାର ଆବଶ୍ୟକତା ରହିଛି । ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସୁନିଶ୍ଚିତ କରିବା ଲାଗି ଏବେ ଗ୍ରାମାଞ୍ଚଳ ଏବଂ ଉପାନ୍ତ ଅଞ୍ଚଳରେ ଏ.ଆଇ. ଭିତ୍ତିକ ହାଇବ୍ରିଡ୍ ମୋବାଇଲ୍ ଚିକିତ୍ସା ସେବା ଉପଲବ୍ଧ ହେଉଥିବା ସେ କହିଛନ୍ତି । ବିକଶିତ ଭାରତ ଦିଗରେ ଭାରତର ଯାତ୍ରାକୁ ପ୍ରତିଫଳିତ

କରିବା ଲାଗି ନବସୃଜନ  ସମନ୍ୱୟର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସିଂହ ଗୁରୁତ୍ୱାରୋପ କରିଛନ୍ତି ।

## ସିପିଆଇ-ଏଗ୍ରିକଲଚର୍

କୃଷି ଶ୍ରମିକମାନଙ୍କ ନିମନ୍ତେ ନିଖିଳ ଭାରତ ଖାଉଟି ଦର ସୂଚକାଙ୍କ ଚଳିତ ବର୍ଷ ସେପ୍ଟେମ୍ବର ମାସରେ ବିଯୁକ୍ତ ୦ ଦଶମିକ୍ ୦/୭ ପ୍ରତିଶତ ହୋଇଛି । ଅଗଷ୍ଟ ମାସଠାରୁ ଏହା ୧ ଦଶମିକ୍ ୦/୭ ପ୍ରତିଶତ କମ୍ ରହିଛି । ସେହିପରି ଗ୍ରାମାଞ୍ଚଳ ଶ୍ରମିକମାନଙ୍କ ସୂଚୀ ଶୂନ୍ ଦଶମିକ୍ ୩/୧ ପ୍ରତିଶତ ରହିଛି । ଏହା ଅଗଷ୍ଟ ମାସରୁ ୧ ଦଶମିକ୍ ୨/୬ ପ୍ରତିଶତ କମ୍ ଥିବା ଜଣାପଡ଼ିଛି । ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଏହି ସୂଚନା ମିଳିଛି ।

ସେହିପରି ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ସେପ୍ଟେମ୍ବର ମାସରେ ମୁଦ୍ରାସ୍ଫୀତି ହାର ବିଯୁକ୍ତ ସ୍ତରକୁ ଆସିଛି । ଗତମାସରେ କୃଷି ଶ୍ରମିକମାନଙ୍କ ନିମନ୍ତେ ଖାଦ୍ୟସୂଚୀ ମଧ୍ୟ ୨ ଦଶମିକ୍ ୩/୫ ପ୍ରତିଶତ ଏବଂ ଗ୍ରାମାଞ୍ଚଳ ଶ୍ରମିକଙ୍କ କ୍ଷେତ୍ରରେ ୧ ଦଶମିକ୍ ୮/୧ ପ୍ରତିଶତ ହ୍ରାସ ପାଇଛି ।

# ମହା-ଆକ୍ସିଡେଣ୍ଟ

ମହାରାଷ୍ଟ୍ରର ନନ୍ଦୁର୍‌ବାର୍ ଜିଲ୍ଲା ଅନ୍ତର୍ଗତ ଚାନ୍ଦସାଇଲି ଘାଟଠାରେ ଗୋଟିଏ ଗାଡ଼ି ଓଲଟି ପଡ଼ିବା ଫଳରେ ୮ ଜଣଙ୍କର ମୃତ୍ୟୁ ହେବା ସହ ୨୮ ଜଣ ଆହତ ହୋଇଛନ୍ତି । ଗାଡ଼ିରେ ଥିବା ଯାତ୍ରୀମାନେ ଆସ୍ତାମ୍ବା ତୀର୍ଥ ସ୍ଥଳୀରୁ ଫେରୁଥିବା ବେଳେ ଆଜି ସକାଳେ ଏହି ଦୁର୍ଘଟଣା ଘଟିଥିଲା । ଗାଡ଼ିରେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିବା ସୂଚନା ମିଳିଛି । ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସେମାନଙ୍କୁ ପ୍ରଥମେ ତାଲୋଡ଼ା ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା । ପରେ ନନ୍ଦୁରବାର୍ ଜିଲ୍ଲା ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା । ଆହତମାନେ ନନ୍ଦୁର୍‌ବାର ଜିଲ୍ଲା ଅନ୍ତର୍ଗତ ଘୋଟାନେ, ସମଶେରପୁର, ସାବରୀ ହାଟି ଅଞ୍ଚଳର ବୋଲି ଜଣାପଡ଼ିଛି ।

# କ୍ରିକେଟ୍

ଆସନ୍ତାକାଲି ଅଷ୍ଟ୍ରେଲିଆର ପର୍ଥ ଠାରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏକ ଦିବସୀୟ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ସକାଳ ୯ଟାରେ ଏହି ମ୍ୟାଚ୍ ଖେଳାଯିବ । ଶୁଭମନ୍ ଗିଲ୍‌ଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ଏହି ମ୍ୟାଚ୍ ଖେଳିବ । ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ଆସନ୍ତାକାଲି ହେଉଛି

ଉଦ୍‌ଘାଟନୀ ମ୍ୟାଚ୍ । ସେହିପରି ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କଙ୍କ ଅଧିନାୟକତ୍ୱ କରିବେ ।

## ବିଡବ୍ଲ୍ୟୁଏଫ୍-ବ୍ୟାଡ୍‌ମିଣ୍ଟନ୍

ଗୌହାଟୀଠାରେ ଚାଲିଥିବା ବି.ଡବ୍ଲ୍ୟୁ.ଏଫ୍. ୱାର୍ଲ୍ଡ ଜୁନିୟର୍ ଚାମ୍ପିୟନ୍‌ସିପ୍ ୨୦୨୫ ପ୍ରତିଯୋଗିତାରେ ଭାରତର ବ୍ୟାଡ୍‌ମିଣ୍ଟନ୍ ଖେଳାଳି ତନ୍‌ଭୀ ଶର୍ମା ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ସେ ସେମିଫାଇନାଲ୍ ପର୍ଯ୍ୟାୟରେ ଚୀନ୍‌ର ଲିଉ ସି ୟାଙ୍କୁ ୧୫-୧୧, ୧୫-୯ ସେଟ୍‌ରେ ପରାସ୍ତ କରିଛନ୍ତି । ବିଶ୍ୱ ଜୁନିୟର୍ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହେବାରେ ତନ୍‌ଭୀ ଶର୍ମା ହେଉଛନ୍ତି ପଞ୍ଚମ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ।